**NEW PAPER:** Samaja

**DATE:** 26.02.2019

**PAGE:** 12

ସମାଜ
The Samaja

# ଏଏସ୍‌ବିଏମ୍‌ରେ ଜାତୀୟ ମ୍ୟାନେଜ୍‌ମେଣ୍ଟ ସମ୍ମିଳନୀ ଉଦ୍‌ଯାପିତ



ଭୁବନେଶ୍ୱର,୨୫।୨(ଭୁ.ପ୍ର): ଅଗ୍ରଣୀ ମ୍ୟାନେଜମେଣ୍ଟ ଶିକ୍ଷା ପ୍ରତିଷ୍ଠାନ ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏ.ଏସ୍.ବି.ଏମ୍.)ର ୫ମ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ, ନାମକନ୍ - ୨୦୧୯ ଅନୁଷ୍ଠିତ ହୋଇଯାଇଛି।

'ୱେଦର ପ୍ରୁଫ୍ ଅରଗାନାଇଜେସନ୍ : ଚ୍ୟାଲେଜିଙ୍ଗ ଦ ଚ୍ୟାଲେଞ୍ଜ' ଶୀର୍ଷକ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ ନାଲକୋର ଅଲ୍ ୱେଦର ବିଜିନେସ୍ ମଡେଲ ବିଗତ ଅତୀତରେ କାର୍ଯ୍ୟରେ ଉପଯୋଗ କରି ନିଗମ କିପରି ବ୍ୟବସାୟିକ ସଫଳତା ହାସଲ କରିଥିଲା, ସେ ବିଷୟରେ ଆଲୋକପାତ କରିଥିଲେ।

ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ତାଙ୍କର ସ୍ୱାଗତ ଭାଷଣରେ ୫୦ଦଶନ୍ଧିର ଭାରତୀୟ ମୁଖ୍ୟ କମ୍ପାନୀ ସମୂହର ସାମ୍ପ୍ରତିକ ସ୍ଥିତି ଓ ସ୍ଥିରତା ଉପରେ ଆଲୋକପାତ କରିଥିଲେ।

ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ସାଉଦର୍ନ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ. ବିଜୟ କୁମାର ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପରିବର୍ତ୍ତନକୁ ଏକ ସାମାଜିକ ସତ୍ୟଭାବରେ ବର୍ଣ୍ଣନା କରି କେତେକ ନିଶ୍ଚିତ ଅପରିବର୍ତ୍ତନୀୟ ଉପାଦନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

ଓଡ଼ିଶା ଲୋକସେବା ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ବିବେକ୍ ପଟ୍ଟନାୟକ, ନାଲ୍‌କୋର ପ୍ରାକ୍ତନ ଅଧ୍ୟକ୍ଷ ଗଦାଧର ଉପାଧ୍ୟାୟ ପ୍ରମୁଖ ବିଷୟବସ୍ତୁ ଉପରେ ମତ ରଖିଥିଲେ। ଅନୁଷ୍ଠାନର ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମିଳନୀର ସଂଯୋଜକ ଡ. ମୃତ୍ୟୁଞ୍ଜୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।